# NATIONAL NEWS BULLETIN (ODIA)

## 5 September- 2025

## Mid Bulletin : 1.50 p.m.

# ମୁଖ୍ୟ ସମ୍ବାଦ

- ଶିକ୍ଷା ବ୍ୟକ୍ତିକୁ ସକ୍ଷମ କରିଥାଏ ଏବଂ ବିକାଶର ମୁଖ୍ୟସ୍ରୋତରେ ସାମିଲ ହେବାଲାଗି ସୁଯୋଗ ପ୍ରଦାନ କରିଥାଏ ବୋଲି କହିଲେ ରାଷ୍ଟ୍ରପତି ।

- ଦେଶର ଦୃଢ଼ ଏବଂ ଉଜ୍ଜ୍ୱଳ ଭବିଷ୍ୟତର ମୂଳଦୁଆ ନିର୍ମାଣ କରୁଥିବା ଶିକ୍ଷକମାନଙ୍କ ସମର୍ପଣର କୌଣସି ତୁଳନା ନାହିଁ କହିଲେ ପ୍ରଧାନମନ୍ତ୍ରୀ ।

- ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାର ଶିକ୍ଷାକ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ଓନମ ଏବଂ ମିଲାଦ୍-ଉନ୍-ନବି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

ଏବଂ

- ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ସୁପର୍ ଫୋର୍ ଲିଗ୍ ପର୍ଯ୍ୟାୟରେ ଆସନ୍ତାକାଲି ହେବ ଭାରତ-ଚୀନ୍ ମଧ୍ୟରେ ମୁକାବିଲା ।

# ଟିଚର୍ସ୍ ଡେ

ସାରା ଦେଶରେ ଆଜି ଗୁରୁଦିବସ ବା ଶିକ୍ଷକ ଦିବସ ପାଳନ କରାଯାଉଛି । ଭାରତର ଦ୍ୱିତୀୟ ରାଷ୍ଟ୍ରପତି ତଥା ଶିକ୍ଷାବିତ୍ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମ ବାର୍ଷିକୀକୁ ଶିକ୍ଷକ ଦିବସ ଭାବେ ପାଳନ କରାଯାଇ ଆସୁଛି । ଏହି ଦିବସରେ ଶିକ୍ଷକମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ଏବଂ ଗୁଣାତ୍ମକ ଶିକ୍ଷାଦାନକୁ ସ୍ମରଣ କରାଯାଉଛି ।

# ରାଷ୍ଟ୍ରପତି-ଟିଚର୍ସ ଡେ

ଖାଦ୍ୟ, ବସ୍ତ୍ର, ବାସଗୃହ ପରି ଶିକ୍ଷା ପ୍ରତ୍ୟେକ ବ୍ୟକ୍ତିର ନୈତିକ ବ୍ୟବହାର ଏବଂ ସୁରକ୍ଷା ପାଇଁ ଆବଶ୍ୟକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଆଜି ଶିକ୍ଷକ ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ସମ୍ବେଦନଶୀଳ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୈତିକ ବ୍ୟବହାର ଏବଂ ସୁରକ୍ଷା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିଥାନ୍ତି । ନିଜ ଜୀବନର ଶିକ୍ଷକତା ସମୟକୁ ଅତ୍ୟନ୍ତ ସାର୍ଥକ ବୋଲି ବର୍ଣ୍ଣନା କରି ରାଷ୍ଟ୍ରପତି କହିଛନ୍ତି ଶିକ୍ଷକ ଭାବରେ ଛାତ୍ରଛାତ୍ରୀମାନଙ୍କ ସହ ଯେଉଁ ସମୟ ଅତିବାହିତ କରିଥିଲେ ତାହା ଅତ୍ୟନ୍ତ ଫଳପ୍ରଦ ଥିଲା । ରାଷ୍ଟ୍ରପତି କହିଛନ୍ତି ଶିକ୍ଷା ବ୍ୟକ୍ତିକୁ ସକ୍ଷମ କରିଥାଏ ଓ ଅତି ଦୁର୍ବଳ ସ୍ତରରୁ ଆସିଥିବା ଛାତ୍ରଛାତ୍ରୀ ମଧ୍ୟ ଶିକ୍ଷାଲାଭ ପରେ ବିକାଶର ମୁଖ୍ୟ ସ୍ରୋତରେ ସାମିଲ ହୋଇଥାନ୍ତି ।

ବିଦ୍ୟାଳୟ ସ୍ତରରେ ସମାନତାର ସଙ୍କେତ ମିଳୁଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

**V/O (President Teachers Day)**

ଛାତ୍ରଛାତ୍ରୀଙ୍କ ଚରିତ୍ର ନିର୍ମାଣ କରିବା ଶିକ୍ଷକଙ୍କ ମୁଖ୍ୟ ଦାୟିତ୍ୱ ବୋଲି ରାଷ୍ଟ୍ରପତି କହିଛନ୍ତି । ନୂତନ ରାଷ୍ଟ୍ରୀୟ ଶିକ୍ଷାନୀତିରେ ପିଲାମାନଙ୍କ ବୋଝ ହ୍ରାସ କରାଯାଇ ଶିକ୍ଷାକୁ ସହଜ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ବିଶେଷକରି ବାଳିକା ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

**V/O (President Girls)**

ରାଷ୍ଟ୍ରପତି କହିଛନ୍ତି ଶିକ୍ଷାଦାନରେ ସ୍ମାର୍ଟ କ୍ଲାସରୁମ୍, ସ୍ମାର୍ଟ ବୋର୍ଡ ଅପେକ୍ଷା ଅଧିକ ଜରୁରୀ ହେଉଛି ସ୍ମାର୍ଟ ଶିକ୍ଷକ । ସ୍ମାର୍ଟ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ବିକାଶ ସହ ସମ୍ପର୍କିତ ଆବଶ୍ୟକତାକୁ ବୁଝି ସେ ଦିଗରେ ପଦକ୍ଷେପ ନେଇଥାନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

**V/O (President Smart Teachers)**

ଆଜିର ସ୍ୱତନ୍ତ୍ର ଉତ୍ସବରେ ଜାତୀୟ ଶିକ୍ଷକ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି । ରାଷ୍ଟ୍ରପତି ଉତ୍ସର୍ଗୀକୃତ କାର୍ଯ୍ୟ ଏବଂ ଗୁଣାତ୍ମକ ଶିକ୍ଷାଦାନ ପ୍ରଦାନ କରୁଥିବା ଶିକ୍ଷକମାନଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି ।

# ପିଏମ୍-ଟିଚର୍ସ ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିକ୍ଷକ ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି

ଦେଶର ଦୃଢ଼ ଏବଂ ଉଜ୍ଜ୍ୱଳ ଭବିଷ୍ୟତର ମୁଳଦୁଆ ନିର୍ମାଣ କରୁଥିବା ଶିକ୍ଷକମାନଙ୍କ ସମର୍ପଣର କୌଣସି ତୁଳନା ନାହିଁ । ସେ କହିଛନ୍ତି ଶିକ୍ଷକମାନଙ୍କ ପ୍ରତିବଦ୍ଧତା ଏବଂ କରୁଣା ସବୁବେଳେ ପ୍ରଶଂସନୀୟ । ଏହି ଅବସରରେ ଶ୍ରୀ ମୋଦୀ ବିଶିଷ୍ଟ ବିଦ୍ୱାନ ଏବଂ ଶିକ୍ଷକ ଡକ୍ଟର ଏସ୍. ରାଧାକ୍ରିଷ୍ଣନଙ୍କ ଜନ୍ମବାର୍ଷିକୀରେ ତାଙ୍କ ଜୀବନ ଏବଂ ଚିନ୍ତାଧାରାକୁ ସ୍ମରଣ କରିଛନ୍ତି ।

ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଶିକ୍ଷକ ପୁରସ୍କାର ବିଜେତାମାନଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଏହା କେବଳ ଏକ ପୁରସ୍କାର ନୁହେଁ ବରଂ ଭାରତୀୟ ସମାଜରେ ଶିକ୍ଷକମାନେ ଯେଉଁ ଦେଶ ନିର୍ମାଣର ଶକ୍ତି ବହନ କରନ୍ତି ଏବଂ ଛାତ୍ରଛାତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦିଅନ୍ତି ତାହାକୁ ସମ୍ମାନ ଜଣାଇବା ଏକ ବରିଷ୍ଠ ମାଧ୍ୟମ । ପ୍ରଧାନମନ୍ତ୍ରୀ କହିଛନ୍ତି, ଶିକ୍ଷକମାନେ କେବଳ ବର୍ତ୍ତମାନକୁ ଆକାର ଦିଅନ୍ତି ନାହିଁ ବରଂ ଦେଶ ସେବାରେ ସେମାନଙ୍କ ଅତୁଳନୀୟ ଭୂମିକାକୁ ସଠିକ୍ ଢଙ୍ଗରେ କାର୍ଯ୍ୟରେ ପରିଣତ କରିଥାନ୍ତି । ଦେଶର ସମସ୍ତ ଶିକ୍ଷକମାନଙ୍କୁ କର୍ତ୍ତବ୍ୟନିଷ୍ଠ ହୋଇ ଶିକ୍ଷାଦାନରେ ବ୍ରତି ରହିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

## ପ୍ରଧାନ-ଟିଚର୍ସ ଡେ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷକ ଦିବସ ଅବସରରେ ସମସ୍ତ ଗୁରୁମାନଙ୍କୁ ପ୍ରଣାମ କରି କହିଛନ୍ତି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପୁର୍ଣ୍ଣ ସମ୍ଭାବନାକୁ ସାକାର କରିବାରେ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପ୍ରଧାନ କହିଛନ୍ତି ଶିକ୍ଷକମାନଙ୍କ କଠିନ ପରିଶ୍ରମ ଏବଂ ନିଷ୍ଠା ଉତ୍କର୍ଷତାକୁ ପ୍ରୋତ୍ସାହିତ କରୁଛି ଏବଂ ଜାତୀୟ ବିକାଶରେ ଯୋଗଦାନ ଦେଉଛି । ସେ କହିଛନ୍ତି ଶିକ୍ଷକମାନଙ୍କ କାର୍ଯ୍ୟ କେବଳ ପଢ଼ିବା ଏବଂ ଲେଖିବା ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ସେମାନେ ଦେଶପ୍ରତି ଦାୟିତ୍ୱବୋଧ ବିଷୟରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ଶିଖାଇଥାନ୍ତି ।

## ଏଜୁକେସନ ଜିଏସ୍‌ଟି ରିଫର୍ମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗତ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ କରାଯାଇଥିବା ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାର ସାଧାରଣ ଲୋକର ଆଶା ଆକାଂକ୍ଷା ପୂରଣ କରିବା ସହ ଦକ୍ଷ ନାଗରିକ ସୃଷ୍ଟି କରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନାଗରିକମାନଙ୍କ ଜୀବନଧାରଣର ମାନକୁ ଆହୁରି ସହଜ କରିବା ସହ ଶିକ୍ଷା କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଚଳିତମାସରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦ ବୈଠକରେ ବିଭିନ୍ନ ଶିକ୍ଷଣୀୟ ଉପକରଣ ଉପରେ ଜିଏସ୍‌ଟି ହାର ସମ୍ପୂର୍ଣ୍ଣ

ଉଚ୍ଛେଦ କରାଯାଇଛି । ବିଶେଷ କରି ପୁସ୍ତକ, ପେନ୍‌ସିଲ, ମ୍ୟାପ୍, ଗ୍ଲୋବ୍, ଲାବୋରେଟୋରୀ ଉପକରଣ ଉପରେ ପୂର୍ବରୁ ଥିବା ୧୨ ପ୍ରତିଶତ ଟିକସକୁ ସମ୍ପୂର୍ଣ୍ଣ ଛାଡ କରାଯାଇଛି । ଅନ୍ୟପକ୍ଷରେ ଗଣିତ, ଜ୍ୟାମିତି ଏବଂ ରଙ୍ଗ ବାକ୍ସଭଳି କେତେକ ସାମଗ୍ରୀ ଉପରେ ଜିଏସ୍‌ଟି ଟିକସ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି ।

**V/O (Dharmendra Pradhan)**

# ପ୍ରେଜ୍-ପିଏମ୍ ଓନମ

ଓନମ ପର୍ବ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ବିଶେଷକରି କେରଳବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି କହିଛନ୍ତି ଓନମ ହେଉଛି କେରଳର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପରମ୍ପରାର ଅନନ୍ୟ ଉଦାହରଣ । ଏହି ପର୍ବ ଲୋକମାନଙ୍କୁ ସାଂସ୍କୃତିକ ଏବଂ ଧାର୍ମିକ ବିଶ୍ୱାସ ବ୍ୟତୀତ ଏକତା, ସହଯୋଗ ଏବଂ ସମନ୍ୱୟର ଗୁରୁତ୍ୱକୁ ମନେ ପକାଇ ଦେଇଥାଏ । ରାଷ୍ଟ୍ରପତି କହିଛନ୍ତି ଓନମ ହେଉଛି ଦେଶର କୃଷକମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବାର ଏକ ସୁ-ଅବସର ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଓନମ ପର୍ବ ସମସ୍ତଙ୍କ ପାଇଁ ଖୁସି, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ଆଣୁ ବୋଲି କାମନା କରିଛନ୍ତି । ସେ କହିଛନ୍ତି ଓନମ ଆମକୁ କେରଳର ପରମ୍ପରା

ଏବଂ ଏହାର ସମୃଦ୍ଧ ସଂସ୍କୃତିକୁ ମନେପକାଇଥାଏ । ଏହି ଅବସରରେ ସମାଜରେ ବନ୍ଧୁତ୍ୱ ବୃଦ୍ଧି ସହ ପ୍ରକୃତି ସହିତ ସମସ୍ତଙ୍କର ସମ୍ପର୍କ ମଜଭୁତ ହେବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

# ପ୍ରେଜ୍-ମିଲାଦ

ମିଲାଦ-ଉନ୍-ନବି ଅସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି ପ୍ରଫେଟ୍ ମହମ୍ମଦ ମାନବତାକୁ ଏକତା ଏବଂ ସେବାର ବାର୍ତ୍ତା ଦେଇଛନ୍ତି । ଲୋକମାନେ ଏହି ପବିତ୍ର ଅବସରରେ ତାଙ୍କ ଶିକ୍ଷାରୁ ପ୍ରେରଣା ନେଇ ଭାଇଚାରାର ଭାବନା ସହିତ ଆଗକୁ ବଢ଼ିବାକୁ ସଂକଳ୍ପ ନେବା ଉଚିତ୍ ବୋଲି ରାଷ୍ଟ୍ରପତି କହିଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମିଲାଦ-ଉନ୍-ନବି ସମାଜରେ ଶାନ୍ତି ଏବଂ ଭାଇଚାରା ସୃଷ୍ଟି କରିବ ବୋଲି ଆଶାପୋଷଣ କରିଛନ୍ତି । ସେ କହିଛନ୍ତି କରୁଣା, ସେବା ଏବଂ ନ୍ୟାୟର ମୂଲ୍ୟବୋଧ ସର୍ବଦା ସମସ୍ତଙ୍କୁ ମାର୍ଗଦର୍ଶନ କରିବ ।

# ପଞ୍ଜାବ ଫ୍ଲଡ

ପଞ୍ଜାବରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି । ସୀମାନ୍ତବର୍ତ୍ତୀ ଗୁରୁଦାସପୁର, ଅମୃତସର, ଫିରୋଜପୁର, ଫାଜିଲକା ଏବଂ ପଠାନକୋଟ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ମୋଟ୍ ୨୩ଟି ଜିଲ୍ଲା ବନ୍ୟାଦ୍ୱାରା ପ୍ରଭାବିତ ହୋଇଛି । ଲୁଧିଆନା ଏବଂ ପଟିଆଲାରେ ସୁଲତେଜ, ଘାଗର, ଟାଙ୍ଗ୍ରି ଏବଂ ମାର୍କଣ୍ଡ ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ପୁଣି ସତର୍କତା ଜାରି କରାଯାଇଛି । ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଯିବାଲାଗି ପରାମର୍ଶ ଦିଆଯାଇଛି । ଏପର୍ଯ୍ୟନ୍ତ ଏକହଜାର ୯୦୦ଟି ଗ୍ରାମର ୩ଲକ୍ଷ ୮୦ହଜାରରୁ ଅଧିକ ଲୋକ ବନ୍ୟାଦ୍ୱାରା ପ୍ରଭାବିତ ହୋଇଥିବାବେଳେ ପ୍ରାୟ ୧ ଦଶମିକ ୭/୧ ଲକ୍ଷ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି । ରିଲିଫ ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେନା, ବାୟୁସେନା ଓ ନୌବାହିନୀର ୨୮ଟି ୟୁନିଟ୍‌କୁ କାର୍ଯ୍ୟରେ ଲଗାଯାଇଛି । ବିଏସ୍‌ଏଫ୍ ଏବଂ ଏନ୍‌ଡିଆର୍‌ଏଫ୍‌ର ଅନେକ ଦଳକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଜଣାପଡିଛି ।

# ୟୁଏନ୍-ଇଣ୍ଡିଆ-ୟୁକ୍ରେନ

ୟୁକ୍ରେନ୍‌ରେ ଚାଲିଥିବା ସଂଘର୍ଷର ସମାଧାନ ଦିଗରେ ହେଉଥିବା ସକରାତ୍ମକ ବିକାଶକୁ ଭାରତ ସ୍ୱାଗତ କରିଛି । ଯୁଦ୍ଧର ସମାନ୍ତରାଳ

ପରିଣାମ ଇନ୍ଧନ ମୂଲ୍ୟ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ପଡୁଥିବାରୁ, ଏହି ସଂଘର୍ଷର ସମାଧାନ ନିମନ୍ତେ ଆଲୋଚନା ଓ କୂଟନୀତିର ଆବଶ୍ୟକତା ଉପରେ ଭାରତ ଗୁରୁତ୍ୱାରୋପ କରିଛି । ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପି.ହରିଶ୍ ୟୁକ୍ରେନ ସଂଘର୍ଷ ଉପରେ ଏକ ବିତର୍କ ସମୟରେ ଏହା କହିଛନ୍ତି । ଗତବର୍ଷ ୧୫ ତାରିଖରେ ଆମେରିକା ରାଷ୍ଟ୍ରପତି ଓ ରୁଷ୍ ରାଷ୍ଟ୍ରପତିଙ୍କ ମଧ୍ୟରେ ଆଲାସ୍କାରେ ହୋଇଥିବା ଆଲୋଚନା ଓ ଅଗ୍ରଗତିକୁ ସେ ସମର୍ଥନ ଜଣାଇଥିଲେ । ଶ୍ରୀ ହରିଶ୍ କହିଛନ୍ତି ରୁଷ୍-ୟୁକ୍ରେନ୍ ସଂଘର୍ଷର ଶୀଘ୍ର ସମାପ୍ତି ପାଇଁ ଭାରତ ଯେକୌଣସି କୂଟନୈତିକ ପ୍ରୟାସକୁ ସମର୍ଥନ କରିବ ।

## ଏସିଆ କପ୍

ବିହାରର ରାଜଗିରି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ଗତକାଲି ଅନୁଷ୍ଠିତ ସୁପର ଫୋର୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ୪-୧ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରିଛି । ଖେଳର ପ୍ରଥମାର୍ଦ୍ଧରେ ମାଲେସିଆ ଭଲ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ତାହା ବେଶି ସମୟ ପର୍ଯ୍ୟନ୍ତ ଜାରି ରହିପାରି ନଥିଲା । ଏହି ବିଜୟ ହାସଲ ପରେ ଭାରତ ୪ ପଏଣ୍ଟ ସହ ସୁପର୍ ଫୋର୍‌ରେ ଶୀର୍ଷରେ ରହିଛି । ସୁପର୍ ଫୋର୍‌ରେ କୋରିଆ, ମାଲେସିଆ ଏବଂ ଚୀନ୍ ରହିଛନ୍ତି ।

ଆସନ୍ତାକାଲି ସୁପର୍ ଫୋର୍‌ର ପୁଲ୍ ମ୍ୟାଚ୍‌ରେ ଭାରତ-ଚୀନ୍ ମଧ୍ୟରେ ମୁକାବିଲା ହେବ । ଗତକାଲି ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ଚୀନ୍ ୩-୦ ଗୋଲ୍‌ରେ କୋରିଆକୁ ପରାସ୍ତ କରିଥିବା ବେଳେ ବାଂଲାଦେଶ ୪-୧ ଗୋଲ୍‌ରେ କାଜାଖସ୍ତାନକୁ ପରାସ୍ତ କରିଥିଲା ।